# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 September – 2026

********************************

## ମୁଖ୍ୟ ସମ୍ବାଦ

- ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ବିଘ୍ନବିନାଶକ ଶ୍ରୀଗଣେଶଙ୍କର ପୂଜାର୍ଚ୍ଚନା ଆନନ୍ଦ ଉଲ୍ଲସ ସହିତ ପାଳନ କରୁଛନ୍ତି ରାଜ୍ୟବାସୀ

- କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ଭାରତୀୟ ଭାଷାଗୁଡ଼ିକର ସହଜରେ ଅନୁବାଦ କରିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି; ହିନ୍ଦୀ ଦିବସ ପାଳନ ଅବସରରେ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ନୂଆଁଖାଇ ପର୍ବ ପାଳନ ପାଇଁ ପଶ୍ଚିମ ଓଡ଼ିଶା ଚଳଚଞ୍ଚଳ

– ମା' ସମଲେଶ୍ୱରୀଙ୍କ ପୀଠରେ ଆସନ୍ତାକାଲି ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ

ଏବଂ

- ଓମଫେଡ୍ ପକ୍ଷରୁ ଆଗାମୀ ଦିନରେ ଆଇସକ୍ରିମ୍ ଓ ପିଇବା ପାଣି ବଜାରକୁ ଆସିବା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

# ଗଣେଶ ପୂଜା

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଆଜି ଶ୍ରଦ୍ଧା ଓ ଭକ୍ତିଭାବ ସହ ବିଘ୍ନନାଶକ ଶ୍ରୀଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀକ୍ଷେତ୍ର ପୁରୀରେ ବହୁ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ ଯାଇ ବଟ ଗଣେଷଙ୍କ ପୂଜାର୍ଚ୍ଚନା କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି ।  ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ଗଣେଶ ପୂଜାପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଗଣେଶ ଚତୁର୍ଥୀର ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି,  ବୁଦ୍ଧି, ବିବେକ, ସମୃଦ୍ଧି ଓ ଶୁଭାରମ୍ଭର ପ୍ରତୀକ ହୋଇଛନ୍ତି ଶ୍ରୀ ଗଣେଶ। ଏହି ପର୍ବ ଜୀବନରେ ଶକ୍ତି, ଜ୍ଞାନ ଓ ସକାରାତ୍ମକତାର ସଂଚାର କରିବା ସହ ନୂଆ ସଂକଳ୍ପ ନେଇ ପ୍ରଗତିପଥରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପର୍ବ ଅବସରରେ ସମସ୍ତଙ୍କ ଜୀବନରେ ନୂତନ ଶକ୍ତି ଏବଂ ଉତ୍ସାହର ସଂଚାର ହେଉ ବୋଲି କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣେଶ ଚତୁର୍ଥୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଘ୍ନରାଜ ପ୍ରଭୁ ଶ୍ରୀଗଣେଶଙ୍କ ଆଶୀର୍ବାଦରୁ ଓଡ଼ିଶାର ପ୍ରଗତିର ପଥ ଆହୁରି ସୁଗମ ହେବା ସହ ସଭିଁଙ୍କ ଜୀବନ ସୁଖ, ଶାନ୍ତି, ସମୃଦ୍ଧି ଓ ସଫଳତାରେ ପରିପୂର୍ଣ୍ଣ ହେଉ।

ରାଜ୍ୟର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳନ ଖବର ଆମର ହସ୍ତଗତ ହୋଇଛି।

ଭଦ୍ରକ ପୁରୁଣା ବଜାରର ୫୦୦ ବର୍ଷର ମୋଗଲ ଶାସନ ସମୟର ବାବା ବୁଢ଼ାଗଣେଶ, ଟୋକାଗଣେଶ, କୁଆଁସ ଗ୍ରାମର ସିଦ୍ଧବିନାୟକ, ପିଲା ଗଣେଶ, କାଞ୍ଚନ ଗଣେଶଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ବଢ଼ିବାରେ ଲାଗିଛି। ଆଜିଠାରୁ ଏକ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀଗଣେଶଙ୍କୁ ପୂଜା କରାଯାଉଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଜେଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ସ୍କୁଲପିଲାମାନଙ୍କ ସହ ଗଣେଶ ପୂଜା ପାଳନ କରିଛନ୍ତି।

ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଛି। ସହରରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମେତ

ବିଭିନ୍ନ ପୂଜା ମଣ୍ଡପରେ ସିଦ୍ଧି ବିନାୟକଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଛି । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁସଜ୍ଜିତ ପୂଜାମଣ୍ଡପରେ ଶ୍ରୀ ଗଣେଶଙ୍କର ପାରମ୍ପରିକ ପୂଜା ଆରାଧନା କରାଯାଉଛି ।

ଗଞ୍ଜାମ ଜିଲ୍ଲାର ପଞ୍ଚମା ସ୍ଥିତ ସିଦ୍ଧ ବିନାୟକଙ୍କ ପୀଠରେ ଶ୍ରୀ ବିନାୟକପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହେଉଛି । ଗଜାନନଙ୍କ ପୂଜାରେ ଯୋଗଦେବା ପାଇଁ ଅଷ୍ଟଶମ୍ଭୁ ପୀଠରୁ ପାଲିଙ୍କିରେ ମହାଦେବ ଯାଇ ପଞ୍ଚମା ଗଣେଶ ମନ୍ଦିରରେ ପହଁଞ୍ଚିଥିଲେ । ସମସ୍ତ ଅଷ୍ଟଶମ୍ଭୁ ସିଦ୍ଧି ବିନାୟକଙ୍କ ପୀଠରେ ପହଁଞ୍ଚିବା ପରେ ପଞ୍ଚମା ମନ୍ଦିରରେ ମହାମିଳନ ଆୟୋଜିତ ହୋଇଥିଲା । ଅଷ୍ଟଶମ୍ଭୁ ଯାତ୍ରା ଶ୍ରୀ ବିନାୟକ ମନ୍ଦିରରେ ପ୍ରବେଶ କରିବା ପରେ ସମସ୍ତ ମହାଦେବଙ୍କର ମହାମିଳନ  ସହିତ ମହାଆଳତୀ ଅନୁଷ୍ଠିତ ହୋଇଥିଲା ।

ନୂଆପଡ଼ା ଜିଲ୍ଲାର ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଗଣେଶ ଚତୁର୍ଥୀ ଆନନ୍ଦ ଉଲ୍ଲାସରେ ପାଳିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଜିଲ୍ଲାର ପ୍ରମୁଖ ସହରାଞ୍ଚଳଗୁଡ଼ିକରେ ମଧ୍ୟ ବିଘ୍ନନାଶକ ଗଜାନନଙ୍କର ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି ।

Desk

## ହିନ୍ଦୀ ଦିବସ

ଦେଶରେ ଆଜି 'ହିନ୍ଦୀ ଦିବସ' ପାଳନ କରାଯାଉଛି। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ରାଜଭାଷା ଭାବରେ ଗ୍ରହଣ କରିଥିଲା। ୧୯୪୭ ମସିହାରେ ଦେଶ ସ୍ୱାଧୀନ ପରେ ସରକାର ହିନ୍ଦୀକୁ ବହୁଳ ଭାବରେ ବ୍ୟବହୃତ ଭାଷାର ମାନ୍ୟତା ଦେବା ପାଇଁ ଚେଷ୍ଟା ଜାରି ରଖିଥିଲେ। ଆଜିର ଦିନରେ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ରାଜେନ୍ଦ୍ର ସିଂହଙ୍କ ଜନ୍ମ ଦିବସକୁ ପାଳନ କରିବା ହିନ୍ଦୀ ଦିବସ ପାଳନର ଅନ୍ୟ ଏକ ପ୍ରାସଙ୍ଗିକତା ରହିଛି। ରାଷ୍ଟ୍ରଭାଷା ପ୍ରଚାର ସମିତିର ଅନୁରୋଧକ୍ରମେ ୧୯୫୩ ମସିହା ସେପ୍ଟେମ୍ବର ମାସ ୧୪ ତାରିଖ ଦିନ ପ୍ରଥମ କରି ଆନୁଷ୍ଠାନିକ ଭାବେ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ସହିତ ଏହାର ଗୁରୁତ୍ୱ ବୃଦ୍ଧି କରିବା ନେଇ ଏହି ଦିବସ ପାଳନ କରାଯାଉଛି।  ବର୍ତ୍ତମାନ ହିନ୍ଦୀ ବିଶ୍ୱର ଅନ୍ୟତମ ବ୍ୟାପକ ଭାବେ କଥିତ ଭାଷା ଏବଂ ୫୨ କୋଟିରୁ ଅଧିକ ଲୋକଙ୍କର ମାତୃଭାଷା ଭାବେ ବ୍ୟବହାର ହେଉଛି । ବିଶ୍ୱର ପ୍ରାୟ ୧୭୫ଟି ବିଶ୍ୱବିଦ୍ୟାଳୟରେ ହିନ୍ଦୀ ବିଷୟ ଉପରେ ପାଠପଢ଼ାଯାଉଛି। ଭାରତ ବ୍ୟତୀତ ନେପାଳ, ଫିଜି, ସୁରିନାମ, ଉଗାଣ୍ଡା, ପାକିସ୍ତାନ, ବାଂଲାଦେଶରେ ବହୁ ସଂଖ୍ୟାରେ ହିନ୍ଦୀ ଭାଷୀ ଅଛନ୍ତି। ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ବକ୍ତୃତା, ରଚନା, କବିତା ଆବୃତି ଆଦିର ଆୟୋଜନ କରାଯାଇଥାଏ।

ଭାରତରେ ଅନେକ ଭାଷାର ବ୍ୟବହାର ଦେଶର ସବୁଠୁ ବଡ଼ ଶକ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ହିନ୍ଦୀ ଦିବସ ଅବସରରେ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ହିନ୍ଦୀ ଭାଷା ଅନ୍ୟ କୌଣସି ଭାଷାର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ରାଷ୍ଟ୍ରୀୟ ଏକତା ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିନ୍ଦୀ ଏବଂ ଅନ୍ୟ ସମସ୍ତ ଭାଷା ଗୁଡ଼ିକର କୌଶଳଗତ ବିକାଶ କରାଯାଉଛି । ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ଜରିଆରେ ଭାରତୀୟ ଭାଷାଗୁଡ଼ିକର ସହଜରେ ଅନୁବାଦ କରାଯିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ନାଗରିକମାନେ ମାତୃଭାଷାରେ କଥା ହେଲାବେଳେ ଲଜ୍ଜିତ ଅନୁଭବ ନ କରିବା ଲାଗି ଶ୍ରୀ ଶାହା କହିଛନ୍ତି । ଜାତୀୟ ସଂଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଭାଷାକୁ ଏକ ପ୍ରମୁଖ ଆୟୁଧ ଭାବେ ବ୍ୟବହାର କରିବା ଲାଗି ଶ୍ରୀ ଶାହା ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

**V/O (Shah)**

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ହିନ୍ଦୀ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ହିନ୍ଦୀ ଭାଷାର ମାଧୁର୍ଯ୍ୟ, ସରଳତା ଓ

ଆତ୍ମୀୟତା ଆମର ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରିଥାଏ। ହିନ୍ଦୀ ସାହିତ୍ୟ ଏବଂ ଏହାର ସମୃଦ୍ଧ ପରମ୍ପରା ଆମର ଭାବନା ଓ ଚିନ୍ତାଧାରାକୁ ପିଢ଼ି ପରେ ପିଢ଼ି ଯୋଡ଼ି ରଖୁ ବୋଲି ରାଜ୍ୟପାଳ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ଅବସରରେ କହିଛନ୍ତି, ଭାରତର ଭାଷାଗତ ବିବିଧତା ମଧ୍ୟରେ ହିନ୍ଦୀ ଭାଷା ଏକତା ସମନ୍ୱୟର ସେତୁଭାବେ କାର୍ଯ୍ୟ କରେ। ଆମର ସମୃଦ୍ଧ ଭାଷା ଓ ସଂସ୍କୃତିର ସମ୍ମାନ ସହ ଜାତୀୟ ଏକତାକୁ ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

Subarnpur

## ନୂଆଁଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ନିକଟରେ ଆସନ୍ତାକାଲି ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯିବ। ଏହାପରେ ନୂଆଧାନରେ ପ୍ରସ୍ତୁତ ଖାଦ୍ୟକୁ ଇଷ୍ଟଦେବୀଙ୍କୁ ଅର୍ପଣ କରିବାପରେ ନୂଆ ଖାଇବାର ପରମ୍ପରା ରହିଛି। କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ର ଲଙ୍କେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଛି।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ନୂଆଁଖାଇ ହାଟ ବସିଛି । ନୂଆଁଖାଇ ତିହାର ପାଇଁ ହାଟରୁ ନୂଆଁ କପଡ଼ାଲତା, ହାଣ୍ଡି, ସରେଇ ସହ ପନିପରିବା ଓ ଅନ୍ୟାନ୍ୟ ଖାଦ୍ୟ ଓ ବ୍ୟଞ୍ଜନ ପାଇଁ ଲୋକମାନେ କିଣାବିକା କରୁଛନ୍ତି । ଦୂରଦୂରାନ୍ତରେ ଥିବା ପରିବାରସ୍ୱଜନ ଏବଂ ଜ୍ଞାତି କୁଟୁମ୍ବ ତିହାର ପାଳନ ପାଇଁ ଘରେ ପହଁଞ୍ଚିବାରେ ଲାଗିଛନ୍ତି ।

Desk

## ଓମଫେଡ୍

ରାଜ୍ୟର ପ୍ରମୁଖ ଦୁଗ୍ଧ କମ୍ପାନୀ ଓମଫେଡ୍ ଏଣିକି ଆଇସ୍‌କ୍ରିମ ଓ ପାଣି ବଜାରକୁ ଆଣିବ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଓମଫେଡ୍ ବୋର୍ଡର ଅନୁମୋଦନ ପରେ ଆଇସ୍‌କ୍ରିମ ଓ ପାଣିକୁ ବଜାରରେ ଲଞ୍ଚ କରାଯିବ । ଏହାଦ୍ୱାରା ଓମଫେଡର ଉତ୍ପାଦ ପରିସର ଆହୁରି ବ୍ୟାପକ ହେବା ସହ ଓଡ଼ିଶାର ଉପଭୋକ୍ତାଙ୍କ ପାଇଁ ନୂଆ ବିକଳ୍ପ ଉପଲବ୍ଧ ହୋଇପାରିବ ।

Bhadrak

## ଆଲୋଚନାଚକ୍ର ଅନୁଷ୍ଠିତ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହିଳାମାନେ ନିରୋଗ ରହିବା ପାଇଁ ଠିକ୍ ସମୟରେ ସୁଷମ ଖାଦ୍ୟ ଗ୍ରହଣ କରିବା, ଅପପୁଷ୍ଟିରୁ ଦୂରରେ ରହିବା ଆଦି ପ୍ରସଙ୍ଗ

ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ରନ୍ଧନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

Desk

# ଓରାଂଓଟାନ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରଖାଯାଇଥିବା ୫ଟି ଓରାଂଓଟାନ୍‌ଙ୍କ ମଧ୍ୟରୁ ଜଣେ ଜ୍ୱରରେ ପିଡ଼ିତ ଅଛି ବୋଲି ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଡାକ୍ତରୀ ଦଳ ତାର ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସହ ସେମାନଙ୍କର ଆବଶ୍ୟକ ଯତ୍ନ ଦିଆଯାଉଛି ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ସେମାନଙ୍କ କଲ୍ୟାଣପାଇଁ ଏକ ପାଞ୍ଚଜଣିଆ କମିଟି ଗଠନ କରାଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ ନିର୍ଦ୍ଦେଶରେ ଏହି କମିଟି ଗଠନ କରାଯାଇଛି । କମିଟିର କାର୍ଯ୍ୟକାଳ ୬ ମାସ ରହିବ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ବିଚିତ୍ରପୁର ବଡ଼ପାଲି ଜଙ୍ଗଲରୁ ଓରାଂଓଟାନ୍‌ମାନଙ୍କୁ ଉଦ୍ଧାର କରାଯାଇଥିଲା ।